# ସରିବ ପଚିଶ, ବଡ଼ ପରଦାରେ ନଜର ଆସିଲେନି ଓଲିଉଡର ନାମୀ ନାୟିକା











ଭୁବନେଶ୍ୱର: ୨୦୨୫ରେ ଓଲିଉଡର କେତେକ ନାୟିକାଙ୍କ ଫିଲ୍ମ ରିଲିଜ୍ ହେଲା, ଆଉ କେତେକଙ୍କର ଗୋଟିଏ ବି ଓଡ଼ିଆ ସିନେମା ରିଲିଜ୍ ହୋଇ ନାହିଁ। ଆସନ୍ତୁ ଜାଣିବା କେଉଁ ଲୋକପ୍ରିୟ ଓଲିଉଡ ନାୟିକାଙ୍କର ଗୋଟିଏ ହେଲେ ଓଡ଼ିଆ ସିନେମା ରିଲିଜ୍ ହୋଇ ନାହିଁ।

ଅନୁ ଚୌଧୁରୀ: ଓଲିଉଡରେ ଗତ ୨୭ ବର୍ଷ ଧରି ରାଜ୍ କରିଆସୁଥିବା ଆଗଧାଡ଼ିର ନାୟିକା ଅନୁ ଚୌଧୁରୀଙ୍କ କୌଣସି ଓଡ଼ିଆ ଛବି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିନାହିଁ। ଯଦିଓ ମୁରଲୀ ଓ ଜୟହିନ୍ଦ୍ ଭଳି ତାଙ୍କ ଅଭିନୀତ ଏ ବର୍ଷ ଆସିବ ବୋଲି ଆଶା କରାଯାଉଥିଲା, କିନ୍ତୁ ତାହା ଘଟିଲାନାହିଁ।

ସୁପ୍ରିୟା: ଲଭ୍ ପାଇଁ କୁଛ୍ ଭି କରେଗାରୁ କ୍ୟାରିଅର୍ ଆରମ୍ଭ କରିଥିବା ଓଲିଉଡର ଲୋକପ୍ରିୟ ନାୟିକା ସୁପ୍ରିୟାଙ୍କୁ ଦର୍ଶକ ଏବର୍ଷ ବଡ଼ ପରଦାରେ ଦେଖିବାକୁ ପାଇନାହାନ୍ତି। ଗତ ବର୍ଷ ତାଙ୍କ ଅଭିନୀତ କୁହୁଡ଼ି, ଡଟପେନ୍ ଓ ସିନ୍ଦୂରା ମୁକ୍ତିଲାଭ କରିଥିଲା।

ସନମୀରା: ସପନର ପଥେ ପଥେ, ଲୈଲା ଓ ଲୈଲା, ଗୁପଚୁପ୍ ଏବଂ ଲୋକାଲ ଟୋକା ଲଭ୍ ଚୋଖା ଆଦି ସିନେମାର ନାୟିକା ସନମୀରାଙ୍କୁ ୨୦୨୫ରେ କୌଣସି ସିନେମାରେ ଦେଖିବାକୁ ମିଳିଲା ନାହିଁ।

ପୁନମ୍ ମିଶ୍ର: ଗତ ବର୍ଷ 'ଦୁର୍ଗା' ସିନେମାରେ ନଜର ଆସିଥିବା ପୁନମ୍ ମିଶ୍ରଙ୍କ ଆଉ ଏକ ଛବି 'ରାମରାଜ୍ୟ' ଫ୍ଲୋରରେ ରହିଛି। ହେଲେ ଏବର୍ଷ ସେ ଅନୁପସ୍ଥିତ ତାଲିକାରେ ଅଛନ୍ତି।

ଜୀନା:-'ଫେରିଆ ମୋ' ସୁନା ଭଉଣୀ'ରୁ ଓଲିଉଡରେ ନାୟିକା ଭୂମିକାରେ ନଜର ଆସିଥିବା ଜୀନା ସାମଲ ୨୦୨୫ରେ କୌଣସି ଓଡ଼ିଆ ସିନେମାରେ ନଜର ଆସି ନାହାନ୍ତି ଥିଲେ।

ନମ୍ରତା ସିଂହଦେଓ: 'ଆଖି ଖୋଲିଲେ ତୁ ହି ତୁ', 'ତୋ'ପାଇଁ ଫେରିବି ମୁଁ ବସୁଧା ଚିରି' ଏବଂ 'ମନେ ମନେ ମନ ଖୋଜୁଥିଲା' ଫେମ୍ ନାୟିକା ନମ୍ରତା ସିଂହଦେଓଙ୍କର ୨୦୨୫ରେ କୌଣସି ଓଡ଼ିଆ ସିନେମା ରିଲିଜ୍ ହେଲା ନାହିଁ।

# ଅଭିନୟରୁ ସନ୍ନ୍ୟାସ ନେଲେ ବିଜୟ



ମୁମ୍ବାଇ : ପ୍ରସିଦ୍ଧ ଦକ୍ଷିଣ ଭାରତୀୟ ଅଭିନେତା ଥଲାପତି ବିଜୟ ଅଭିନୟରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଛନ୍ତି । ଶନିବାର ମାଲେସିଆରେ ଏଚ୍.ବିନୋଦଙ୍କ ଫିଲ୍ମ 'ଜନ ନାୟଗନ୍'ର ଅଡିଓ ଲଞ୍ଚ କାର୍ଯ୍ୟକ୍ରମରେ ତାଙ୍କର ଏହି ଘୋଷଣା ସାମ୍ନାକୁ ଆସିଛି । ଏଥିସହ 'ଜନ ନାୟଗନ୍' ୫୧ ବର୍ଷୀୟ ଥଲାପତି ବିଜୟଙ୍କ ଅନ୍ତିମ ଫିଲ୍ମ ହେବ । ଏହାପରେ ସେ ପୂରାପୂରି ରାଜନୀତି ଉପରେ ଫୋକସ୍ କରିବାକୁ ସ୍ପଷ୍ଟ କରିଛନ୍ତି । କାର୍ଯ୍ୟକ୍ରମରେ ବିଜୟ କହିଥିଲେ, ଲୋକେ ତାଙ୍କ ପାଇଁ ଥିଏଟରକୁ ଆସି ଲାଇନରେ ଛିଡ଼ା ହୁଅନ୍ତି । ସେଥିପାଇଁ ସେ ଆଗାମୀ ୩୦-୩୩ ବର୍ଷ ଯାଏ ଲୋକଙ୍କ ପାଇଁ ଛିଡ଼ା ହେବାକୁ ପ୍ରସ୍ତୁତ ଅଛନ୍ତି । ସେହି ପ୍ରଶଂସକଙ୍କ ଲାଗି ହିଁ ସେ ଫିଲ୍ମ ଜଗତରୁ ସନ୍ନ୍ୟାସ ନେଉଛନ୍ତି । ସେହିପରି ତାଙ୍କୁ ଦୀର୍ଘବର୍ଷ ଧରି ମିଳିଥିବା ଭଲପାଇବା ପାଇଁ ବିଜୟ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମାତ୍ର ୧୦ ବର୍ଷ ବୟସରେ ତାମିଲ ଫିଲ୍ମ 'ଭେଟ୍ରି'ରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ ବିଜୟ। ୧୮ ବର୍ଷ ବୟସରେ ସେ 'ନାଲୈୟା ଥିରପୁ' ଫିଲ୍ମ ମାଧ୍ୟମରେ ନାୟକ ରୂପେ ଡେବ୍ୟୁ କରିଥିଲେ । ନିଜର ୩୩ ବର୍ଷ ଲମ୍ବା ଫିଲ୍ମ କ୍ୟାରିୟର ମଧ୍ୟରେ ପ୍ରଶଂସକଙ୍କୁ ସେ ଅନେକ ହିଟ୍ ଫିଲ୍ମ ଉପହାର ଦେଇଛନ୍ତି । ଶେଷ ଫିଲ୍ମ 'ଜନ ନାୟଗନ୍'ରେ ତାଙ୍କ ସହିତ ଅଭିନେତ୍ରୀ ପୂଜା ହେଗଡେ ସ୍କ୍ରିନ୍ ସେୟାର କରିବେ । ବବି ଦେଓ୍ୱଲଙ୍କୁ ମଧ୍ୟ ସେଥିରେ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଏଚ୍.ବିନୋଦ ଏହି ରାଜନୈତିକ ଆକ୍ସନ ଥ୍ରିଲରର ନିର୍ଦ୍ଦେଶନାରେ ଅଛନ୍ତି । ଆସନ୍ତାବର୍ଷ ଜାନୁଆରୀ ୯ ତାରିଖରେ ତାହା ରିଲିଜ୍ ହେବ । ସୂଚନାଥାଉକି, ଗତବର୍ଷ ବିଜୟ ନିଜର ରାଜନୈତିକ ଦଳ ତାମିଲଗା ଭେଟ୍ରି କାଜଗମ ଗଠନ କରିଥିଲେ । ୨୦୨୬ରେ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ ।

# ବାପା ଚାହୁଁଥିଲେ ପାଠ, ଜେଜେ ଚାହୁଁଥିଲେ ନାଟ !



ଦୂରଦର୍ଶନରୁ ଅଭିନୟ ଜୀବନ ଆରମ୍ଭ କରି ଏଯାଏ ଥକିପଡ଼ି ନାହାନ୍ତି ସେ। ନିଜେ ହସିଛନ୍ତି ଓ ଦର୍ଶକଙ୍କୁ ହସାଇଛନ୍ତି। ୪୦ ବର୍ଷରୁ ଅଧିକ ସମୟର ଅଭିନୟ ଜୀବନରେ ୮୦ରୁ ଊର୍ଦ୍ଧ୍ୱ ସିନେମା ଓ ୨୦ରୁ ଊର୍ଦ୍ଧ୍ୱ ଧାରାବାହିକରେ ସେ ନଜର ଆସିଛନ୍ତି। ଗତ କିଛି ବର୍ଷ ହେବ ସିନେମା ଓ ଧାରାବାହିକରେ 'ଜେଜେ' ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜର ନିଖୁଣ ଅଭିନୟରେ ସେ ସମସ୍ତଙ୍କ ମନ ଜିଣିଛନ୍ତି। ଏବେକା ଦର୍ଶକଙ୍କ ନିକଟରେ ସେ ଜେଜେ ଭାବରେ ଅଧିକ ପରିଚିତ। ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ନିଜର ନାମ ଜେଜେ ବୋଲି ଦର୍ଶାଇ ଦର୍ଶକଙ୍କ ଭଲପାଇବା ସାଉଁଟୁଛନ୍ତି। ଓଲିଉଡ୍‌ର ଚିହ୍ନା ତଥା ଆମ ସମସ୍ତଙ୍କ ପ୍ରିୟ ଅଭିନେତା ଅରବିନ୍ଦ ଷଡ଼ଙ୍ଗୀ ତାଙ୍କ ପିଲାଦିନର ଏକ ମଜାଦାର ସ୍ମୃତିକୁ ପ୍ରଶଂସକମାନଙ୍କ ସହ ବାଣ୍ଟିଛନ୍ତି। ''ଅଭିନୟ ପ୍ରତି ମୋର ପିଲାଟି ଦିନରୁ ଦୁର୍ବଳତା। ମୋ ବାପା କିନ୍ତୁ ମୋତେ ନେଇ ଭିନ୍ନ ଚିନ୍ତା କରୁଥିଲେ। ସେ ଚାହୁଥିଲେ, ମୁଁ କେବଳ ପାଠରେ ମନଦିଏ ଏବଂ କିଛି ଗୋଟେ ବଡ଼ କାମ କରେ। ମୋ ବାପାଙ୍କୁ ଯେମିତି ପାଠ ନିଶା ଧରିଥିଲା, ମୋତେ ସେମିତି ନାଟ ନିଶା ଚଢ଼ିଥିଲା। ଏଣୁ ବାପାଙ୍କ କଥା ମୋ କାନରେ ପଶୁ ନଥିଲା ! ହଜାରେ ବାରଣ ସତ୍ତ୍ୱେ କୋଉଠି ଡ୍ରାମା କି ଯାତ୍ରା ହେଲେ ମୁଁ ରାତିରେ ଘରୁ ପଳାଉଥିଲି ବାପାଙ୍କ ଅଜାଣତରେ।

ମୁଁ ସେତେବେଳେ ହାଇସ୍କୁଲ୍‌ରେ ପଢୁଥାଏ। ଦିନେ ରାତିରେ ମୁଁ ମେଲୋଡି ଦେଖିବାକୁ ପଳାଇଥାଏ। ମେଲୋଡି ଦେଖି ଫେରୁ ଫେରୁ ବାଟରେ ଗୋଟାଏ ଭଜନ ସମାରୋହ ଚାଲିଥାଏ। ମୁଁ ସେଠାରେ ଟିକେ ଅଟକିଗଲି। ଘରକୁ ଫେରିବା ବେଳକୁ ପାଖାପାଖି ରାତି ୧୨ଟା। ତେଣେ ଘରେ ବାପା ପୂରା ତାତିକି ଥାଆନ୍ତି। ମୋ ସହିତ ମୋ ସାନଭାଇ ବି ଥାଏ। ଆମେ ଦୁହେଁ ଘରେ ପହଞ୍ଚିଲା ବେଳକୁ ଘରେ ତାଲା ପଡ଼ିଥାଏ। ବାପା କୋଳପ ପକେଇ, ଚାବିଟାକୁ ତାଙ୍କ ପାଖରେ ରଖି ଶୋଇଥାନ୍ତି। ମୋ ବୋଉ ଏଣେ ଆମ ଦୁହିଁଙ୍କୁ ବାହାରେ ଦେଖି ଛଟପଟ ହେଉଥାଏ। ମୁଁ ବୋଉକୁ ସେଇ ଝରକା ପଟେ ସପ, ତକିଆ ଓ ବେଡ୍‌ସିଟ୍ ଆଦି ମାଗିଲି। ଆମେ ଦୁଇ ଭାଇ ସାରା ରାତି ସେମିତି ବାହାରେ ପଡ଼ିଲୁ। ଏପଟେ ଆମକୁ ଦେଖି ମୋ ବୋଉ ଆଉ ରାତିଯାକ ଶୋଇ ନଥାଏ। ସେ ସେମିତି ସେହି ଝରକା ପାଖରେ ଏପଟସେପଟ ହେଉଥାଏ। ଭୋର୍ ହେଲାରୁ ବାପା ଉଠିକି ଆସିଲେ ଓ କବାଟ ଖୋଲି ଆମକୁ ଭିତରକୁ ଡାକିଲେ।

ଆଜି ଯେତେବେଳେ ସେ କଥା ମୋର ମନେପଡ଼ିଯାଏ, ବାପାବୋଉଙ୍କ ଭଲପାଇବା ମୋ ଆଖି ଆଗରେ ନାଚିଯାଏ। ଜଣେ ମାଆର ସ୍ନେହରେ ପିଲା ପାଇଁ ଯେତିକି ମଙ୍ଗଳାକାଂକ୍ଷା ଲୁଚି ରହିଥାଏ, ବାପାଙ୍କ ଅନୁଶାସନରେ ବି ସେତିକି ହିତ ଥାଏ। ମୁଁ ଆଜି ପରିଣତ ବୟସରେ ଏହା ହୃଦୟଙ୍ଗମ କରିପାରୁଛି। ମୋ ବାପାମାଆଙ୍କ ଭଲପାଇବା ଓ ଆଶୀର୍ବାଦ ବଳରେ ହିଁ ମୁଁ ଆଜି ଆପଣମାନଙ୍କ ମନକୁ କିଛିମାତ୍ରାରେ ଛୁଇଁପାରିଛି।

# ଅଢ଼େଇ ଘଣ୍ଟାରେ ଗୋଟିଏ ସୁବାର୍ତ୍ତା



ଜେନ୍ ଜିଙ୍କ ହୁକ୍‌ଅପ୍ ସଂସ୍କୃତି ପ୍ରତି ବିତୃଷ୍ଣ ଦୁଇଜଣ ଯଦି ୨୦୨୫ରେ 'ଦିଲ୍ୱାଲେ ଦୁଲ୍‌ହନିୟାଁ ଲେ ଯାଏଙ୍ଗେ' ସିନେମାର ଆତ୍ମିକ ପ୍ରେମ ଚାହାନ୍ତି ତେବେ କାହାଣୀଟି କିପରି ହେବ ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ଏଭଳି ଏକ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି ଯାହାର ଚିତ୍ରନାଟ୍ୟରୁ ଆରମ୍ଭ କରି ସଂଗୀତ ପର୍ଯ୍ୟନ୍ତରେ କୌଣସି ନୂତନତା ନାହିଁ। କିନ୍ତୁ ମଜାଳିଆ ସଂଳାପ ଓ କାହାଣୀର ସରଳତା ପାଇଁ ଥରୁଟିଏ ଏହାକୁ ଦେଖାଯାଇପାରେ। ଏହି ଚଳଚ୍ଚିତ୍ରର ସବୁଠାରୁ କୌତୂହଳପ୍ରଦ ଦିଗ ହେଉଛି କାହାଣୀକୁ ନାରୀକେନ୍ଦ୍ରିକ କରିବାର ଉଦ୍ୟମ। ପ୍ରଯୋଜକ କରଣ ଜୋହରଙ୍କ ପ୍ରଯୋଜନା ସଂସ୍ଥା 'ଧର୍ମା ପ୍ରଡକ୍ସନ୍‌ସ' ଗତ କିଛି ବର୍ଷ ମଧ୍ୟରେ ଯେଉଁ ସିନେମା ନିର୍ମାଣ କରିଛି ସେଗୁଡ଼ିକ ପୁରୁଣା ଚଳଚ୍ଚିତ୍ରମାନଙ୍କ ଭୁଲ୍‌କୁ ସୁଧାରିବାର ଉଦ୍ୟମ ନା ପରିବର୍ତ୍ତିତ ଚାହିଦାର ଫଳ ତାହା ନ ଭାବି ରହି ହୁଏ ନାହିଁ। 'କୁଛ କୁଛ ହୋତା ହୈ', 'କଭି ଖୁସି କଭି ଗମ୍', 'କଲ୍ ହୋ ନା ହୋ' ପରି ଅତ୍ୟନ୍ତ ସଫଳ ସିନେମାରେ ନାରୀବିଦ୍ୱେଷର ଆଭାସ ଯେତିକି ସ୍ପଷ୍ଟ, ନାୟକମାନଙ୍କ ଆଚରଣ ସେତିକି ପ୍ରଶ୍ନାକୁଳ ଥିଲା। ତେବେ ଚାହିଦା ଦୃଷ୍ଟିରୁ ଦେଖିଲେ ସେହିଭଳି ଚଳଚ୍ଚିତ୍ର ଆଜି ବି ବ୍ୟାବସାୟିକ ସଫଳତା ଅର୍ଜନ କରୁଛି। ଏହା ସତ୍ତ୍ୱେ କରଣ ନିଜେ 'ରକି ଔର ରାନୀ କୀ ପ୍ରେମ କାହାନୀ'ର ନିର୍ଦ୍ଦେଶନା ଦେବା ଦର୍ଶାଏ ଯେ ସେ ତାଙ୍କ ପୁରୁଣା ଚଳଚ୍ଚିତ୍ରଗୁଡ଼ିକ ପାଇଁ କିଛିଟା ଅପରାଧବୋଧ ଦ୍ୱାରା ଆକ୍ରାନ୍ତ, ଯେଉଁ କାରଣରୁ ସେ ତାଙ୍କ ସମ୍ପର୍କିତ ଧାରଣାକୁ ବଦଳାଇବା ପାଇଁ ଏଭଳି ଏକାଧିକ ଚଳଚ୍ଚିତ୍ର ନିର୍ମାଣ କଲେଣି ଯେଉଁଗୁଡ଼ିକରେ ଲିଙ୍ଗ ସମାନତା, ଜାତିବାଦ ସମସ୍ୟା ଓ ଦେଶପ୍ରେମ ଭଳି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି। 'ତୁ ମେରୀ ମେ ତେରା..' ଆରମ୍ଭ ହୋଇଛି 'ତମାସା' ସିନେମା ଅନୁରୂପ ପରିସ୍ଥିତିରୁ, କିନ୍ତୁ ଯେଉଁ ସମସ୍ୟା 'ତମାସା'ର ନାୟକ ଓ ନାୟିକାଙ୍କ ମଝିରେ ଛିଡ଼ା ହୋଇଥିଲା ତାହା ବାସ୍ତବିକ ଓ ଗମ୍ଭୀର ଥିଲା। 'ତୁ ମେରୀ ମେ ତେରା..'ରେ ଚରିତ୍ରମାନଙ୍କ ମୁଖ୍ୟ ସମସ୍ୟାଟି କୃତ୍ରିମ ଓ ତା'ର ସମାଧାନ ଅନୁମାନସାପେକ୍ଷ, ଯେଉଁ କାରଣରୁ ସିନେମାର ଦ୍ୱିତୀୟାର୍ଦ୍ଧ ଦିଶାହୀନ ମନେ ହେଲା। ଏହାର କାହାଣୀ ଓ ସଂଳାପଗୁଡ଼ିକରେ 'ରକି ଔର ରାନୀ...'ର ଫର୍ମୁଲାର ଅନୁକରଣ ମଧ୍ୟ ବାରି ହୋଇପଡ଼ିଲା। କିନ୍ତୁ ବିଡ଼ମ୍ବନା ହେଲା, ଏହି ସିନେମାର ନାୟକନାୟିକ 'କ୍ଲିସେ' ବା ଚିରାଚରିତ କଥାକୁ ନାପସନ୍ଦ କରନ୍ତି ବୋଲି ଦାବି କରୁଥିବା ବେଳେ ସେମାନଙ୍କ ଉଚ୍ଚାରଣ ଓ ଆଚରଣରେ 'କ୍ଲିସେ' ପରିପୂର୍ଣ୍ଣ। ତେଣୁ କିଛି ହାସ୍ୟରସାତ୍ମକ ସଂଳାପ ଖୁବ୍ ହାସ୍ୟୋଦ୍ଦୀପକ ଲାଗିଲେ ବି ଅଧିକାଂଶ ସମୟରେ ଉଭୟ ଚରିତ୍ର ବିରକ୍ତିକର ଲାଗନ୍ତି। ଅଭିନୟ, ଗୀତ, ସିନେମାଟୋଗ୍ରାଫି, ପ୍ରାୟ ସବୁ ଦୃଷ୍ଟିରୁ ଏହା 'ରକି ଔର ରାନୀ..' ଠାରୁ ନିକୃଷ୍ଟ। ବିଶେଷ କରି ବିଶାଲ-ଶେଖର ସଂଗୀତ ନିର୍ଦ୍ଦେଶକ ଯୋଡ଼ି ସବୁଠାରୁ ଅଧିକ ନିରାଶ କଲା। ଚଳଚ୍ଚିତ୍ର ମଝିରେ ସଂଖ୍ୟାଧିକ ପୁରୁଣା ଗୀତକୁ ନେଇ ନୃତ୍ୟଗୀତର ଯେଉଁ ଆସର ପ୍ରଦର୍ଶନ କରାଯାଇଛି ତାହା ଇନ୍‌ଷ୍ଟାଗ୍ରାମ୍ ରିଲ୍‌ରେ ସେଲିବ୍ରିଟିଙ୍କ ନୃତ୍ୟ ପରି ମନେ ହେଲା। ତେବେ 'କ୍ୱିକ୍ ଷ୍ଟାଇଲ୍' ଗ୍ରୁପ୍‌ର ନୃତ୍ୟ କିଛି ସମୟ ପାଇଁ ମନକୁ ପୁଲକିତ କଲା। ସବୁ ଦୁର୍ବଳତା ସତ୍ତ୍ୱେ ଏହି କାହାଣୀର ଉଦ୍ଦେଶ୍ୟ ପ୍ରଶଂସନୀୟ। ଆଜିର ପିଲାମାନଙ୍କ ପ୍ରେମ ସମ୍ପର୍କକୁ ଗ୍ରହଣ କରିବା ପାଇଁ ପିତାମାତା ଯାବତୀୟ ବୁଝାମଣା କରିବାକୁ ପ୍ରସ୍ତୁତ ଥିବା ବେଳେ ଆବଶ୍ୟକ ସ୍ଥଳେ ପିତାମାତାଙ୍କ ପାଇଁ ସେମାନେ ମଧ୍ୟ ବୁଝାମଣା କରିବା ପାଇଁ ଏଥିରେ ଏକ ସୁନ୍ଦର ବାର୍ତ୍ତା ରହିଛି।

# କାହାଣୀକୁ ନେଇ ବିବାଦ: ଭାଙ୍ଗିଗଲା ହିଟ୍ ଯୋଡ଼ି



ଓଡ଼ିଶାର ଜଣାଶୁଣା ସିନେ ପ୍ରଯୋଜକ ତଥା ବିତରକ ରବୀନ୍ଦ୍ର ମୋହନ ସାହୁ ଗତ ୧୭ ତାରିଖରେ ଇହଲୀଳା ସମ୍ବରଣ କରିଛନ୍ତି। ପ୍ରଯୋଜକ ଭାବେ ତାଙ୍କର ପ୍ରଥମ ଓଡ଼ିଆ ଛବି ଥିଲା 'ଏଇ ତ ଦୁନିଆ'। ଶ୍ରୀବଳଦେବଜୀଉ ପ୍ରଡକ୍‌ସନ୍‌ସ ବ୍ୟାନରରେ ୧୯୮୭ରେ ମୁକ୍ତିଲାଭ କରିଥିବା ଏହି ସିନେମାର ନିର୍ଦ୍ଦେଶନା ଦେଇଥିଲେ ମହମ୍ମଦ ମହସୀନ୍। ଏଥିରେ ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ଅଜିତ ଦାସ, ମିହିର ଦାସ, ମହମ୍ମଦ ମହସୀନ୍, ଅନୀତା ଦାସ, ଅପରାଜିତା, ଜୟୀ, ଦେବୁ ବୋଷ ଓ ନରିଙ୍କ ଭଳି ଜଣାଶୁଣା କଳାକାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଡାକ୍ତର ସୁବୋଧ ପଟ୍ଟନାୟକ ଏହାର ସଂଳାପ ରଚନା କରିଥିବା ବେଳେ ଅକ୍ଷୟ ମହାନ୍ତି ଥିଲେ ଏହାର ସଂଗୀତ ନିର୍ଦ୍ଦେଶକ। ଏହା ସୁପରହିଟ୍ ହେବା ପରେ ଶ୍ରୀ ସାହୁ କ୍ରମାଗତ ଭାବେ ଓଡ଼ିଆ ସିନେମା ନିର୍ମାଣରେ ମନୋନିବେଶ କରିଥିଲେ। ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଏଇ ତ ଦୁନିଆ'ରୁ ପ୍ରଯୋଜକ ଭାବେ କ୍ୟାରିଅର ଆରମ୍ଭ କରିଥିଲେ ରବୀନ୍ଦ୍ର ମୋହନ ସାହୁ। କିନ୍ତୁ ପରେ ଏ ଦୁହେଁ କେଉଁସି ଛବିରେ ବି ଏକାଠି କାମ କରି ନଥିଲେ। 'ଏଇ ତ ଦୁନିଆ'ର ସଫଳତା ପରେ ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁ ନିର୍ଦ୍ଦେଶକ ମହମ୍ମଦ ମହସୀନଙ୍କୁ ନେଇ 'ଦାରୁବ୍ରହ୍ମ ମୁରାରୀ' ଶୀର୍ଷକରେ ଆଉ ଏକ ଓଡ଼ିଆ ଛବି ନିର୍ମାଣ ଆରମ୍ଭ କରିଥିଲେ। ଏହାର ସଂଳାପକାର ଥିଲେ ଡାକ୍ତର ସୁବୋଧ ପଟ୍ଟନାୟକ ଏବଂ ଅକ୍ଷୟ ମହାନ୍ତି ଥିଲେ ସଂଗୀତକାର। ସ୍କ୍ରିପ୍ଟ କାମ ଶେଷ ହୋଇ ଫିଲ୍ମର ଗୀତ ରେକର୍ଡିଂ ବି ମୁମ୍ବାଇରେ ହୋଇଗଲା। କଳାକାର ଚୟନ ବି ସରିଲା। କିନ୍ତୁ ସୁଟିଂ ଆରମ୍ଭ ହେବା ପୂର୍ବରୁ ଫିଲ୍ମର କାହାଣୀକାରଙ୍କ ନାମକୁ ନେଇ ଆରମ୍ଭ ହେଲା ବିବାଦ। ପ୍ରଯୋଜକ ଓ ନିର୍ଦ୍ଦେଶକ ଦୁହେଁ ଜିଦ୍ ଧରିଲେ କି କାହାଣୀ ସେମାନଙ୍କ ନାମରେ ଯିବ। ଏହି ବିବାଦର ସମାଧାନ ଲାଗି ସଂଳାପକାର ଡାକ୍ତର ସୁବୋଧ ପଟ୍ଟନାୟକ ଉଭୟଙ୍କୁ ବୁଝାଇଲେ, ହେଲେ କେଉଁସି ନିଷ୍କର୍ଷ ବାହାରି ନଥିଲା। ଫଳସ୍ୱରୂପ 'ଦାରୁବ୍ରହ୍ମ ମୁରାରୀ' ଫ୍ଲୋରକୁ ଯାଇପାରି ନଥିଲା। ତାହା ଅଧାରେ ଅଟକିଥିବା ସିନେମା ତାଲିକାଭୁକ୍ତ ହୋଇଗଲା। ଦୁହିଁଙ୍କ ଭିତରେ ସଂପର୍କ ଏତେ ତିକ୍ତ ହୋଇଗଲା ଯେ 'ଏଇ ତ ଦୁନିଆ' ପରେ ରବୀନ୍ଦ୍ର ମୋହନ ସାହୁ 'ବସ୍ତ୍ରହରଣ', 'ପାଟେରି ଉଠିଲା ମଝି ଦୁଆରୁ', 'ନାଗପଞ୍ଚମୀ', 'ମଣିନାଗେଶ୍ୱରୀ', 'ଶାଶୂ ହାତକଡ଼ି ଭାଉଜ ବେଡ଼ି', 'କୁଳନନ୍ଦନ', 'ରସିକ ନାଗର' ଓ 'ଆଲୋ ମୋର କଣ୍ଢେଇ' ଆଦି ଓଡ଼ିଆ ଛବି ନିର୍ମାଣ କରିଥିଲେ ବି କେଉଁସି ଗୋଟିଏ ଛବିରେ ମହମ୍ମଦ ମହସୀନଙ୍କୁ ନିର୍ଦ୍ଦେଶକ କରି ନଥିଲେ।

# ଫିଲ୍ମ 'ରାତ୍ ଅକେଲୀ ହୈ: ଦ ବନ୍‌ସଲ ମର୍ଡର୍ସ'ରେ ଚିତ୍ରାଙ୍ଗଦା



ମୁମ୍ବାଇ : ଫିଲ୍ମ 'ରାତ୍ ଅକେଲୀ ହୈ: ଦ ବନ୍‌ସଲ ମର୍ଡର୍ସ'ରେ ନଜର ଆସିବେ ଚିତ୍ରାଙ୍ଗଦା ସିଂହ। ଏ ଥର ଗୀତ ନୁହେଁ, ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଚିତ୍ରାଙ୍ଗଦା। ଯାହାର ନିର୍ଦ୍ଦେଶନା ଦେଇଛନ୍ତି ହନି ତ୍ରେହାନ। ପୂର୍ବରୁ ଫିଲ୍ମ 'ରାତ୍ ଅକେଲୀ ହୈ'ର ପ୍ରଥମ ଭାଗର ଏକ ଗୀତରେ ଚିତ୍ରାଙ୍ଗଦା ସିଂହଙ୍କୁ ଦେଖିବାକୁ ମିଳିଥାନ୍ତା । କିନ୍ତୁ ଏହି ସୁଯୋଗ ତାଙ୍କୁ ମିଳିନଥିଲା । ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ଚିତ୍ରାଙ୍ଗଦା କହିଛନ୍ତି, ଫିଲ୍ମର ପ୍ରଥମ ଭାଗରେ ଏକ ସ୍ୱତନ୍ତ୍ର ଗୀତ ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। ହନି ସିଂହ ଏହି ଗୀତ ପାଇଁ ତାଙ୍କ ସହ ସମ୍ପର୍କରେ ଥିଲେ । ଥିଏଟରରେ ମୁକ୍ତିଲାଭ କରିବା ପାଇଁ ଫିଲ୍ମରେ ଏକ ସ୍ୱତନ୍ତ୍ର ଗୀତ ରଖିବାକୁ ନିର୍ମାତା ଚାହୁଁଥିଲେ। କିନ୍ତୁ ଫିଲ୍ମ ଓଟିଟିରେ ମୁକ୍ତିଲାଭ କରିବାରୁ ଗୀତ ଯୋଜନା ବାତିଲ କରାଗଲା। ସିକ୍ୱେଲରେ ଚିତ୍ରାଙ୍ଗଦାଙ୍କୁ ଲିଡ୍ ଲେଡି ଭାବେ କାଷ୍ଟ କରାଯିବା ତାଙ୍କ ପାଇଁ ବଡ଼ ସରପ୍ରାଇଜ୍ ଥିଲା । ନୱାଜୁଦ୍ଦିନ ସିଦ୍ଦିକି ଓ ରାଧିକା ଆପ୍ଟେଙ୍କୁ ପୂର୍ବ ଭଳି ଏଥିରେ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ଚିତ୍ରାଙ୍ଗଦା ପୁଅକୁ ହରାଇଥିବା ଜଣେ ମା' ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ଭରପୂର ଶାରୀରିକ ଓ ଭାବନାତ୍ମକ ସଂଯମତା ଆବଶ୍ୟକ ବୋଲି ସେ କହିଛନ୍ତି।

Scanned with OKEN Scanner

